# NATIONAL NEWS BULLETIN (ODIA)

## 28 February-2025

### Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- କୋଇଲା କ୍ଷେତ୍ରକୁ ନିବେଶକମାନଙ୍କୁ ଆକୃଷ୍ଟ କରିବା ଲାଗି ଆଜି ମୁମ୍ବାଇରେ ଆରମ୍ଭ ହେବ ରୋଡ୍ ଶୋ ।
- ଚୀନ୍‌ର ଆମଦାନୀ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କଲେ ଆମେରିକା ରାଷ୍ଟ୍ରପତି ।
- ଓଡ଼ିଶା ପୁରୀରେ ନବମ ଜାତୀୟ ସ୍ୱାସ୍ଥ୍ୟସେବା ଶିଖର ସମ୍ମିଳନୀକୁ ଉଦ୍‌ଘାଟନ କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ।
- ବିଜ୍ଞାନର ଉପକାରିତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଜାତୀୟ ବିଜ୍ଞାନ ଦିବସ ।
- ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଶତଷଠି ବର୍ଷ ବୟସରେ ପରଲୋକ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ପ୍ରିମିୟରଲିଗ୍ କ୍ରିକେଟ୍‌ରେ ଆଜି ମୁହାଁମୁହିଁ ହେବେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ।

## ରେଡ୍ଡି – କୋଲ୍ ରୋଡ୍ ଶୋ'

କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଆଜି ମୁମ୍ବାଇରେ ଏକ ରୋଡ ଶୋ'ରେ ଅଂଶଗ୍ରହଣ କରିବେ । କୋଇଲା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ରୋଡ ଶୋ'ରେ କୋଇଲା କ୍ଷେତ୍ରରେ ନିବେଶ ଏବଂ ବାଣିଜ୍ୟିକ କୋଇଲା ଖଣି ନିଲାମ ସମ୍ପର୍କିତ ପ୍ରଦର୍ଶନ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭାଗିଦାରୀ, ଉଦ୍ୟୋଗୀ ଏବଂ ନିବେଶକମାନେ ଅଂଶଗ୍ରହଣ କରିବେ ।

କୋଇଲା ମନ୍ତ୍ରଣାଳୟର ସଚିବ ବିକ୍ରମ ଦେବଦତ୍ତ, ଅତିରିକ୍ତ ସଚିବ ରୂପିନ୍ଦର ବରାର ଏବଂ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ରୋଡ ଶୋ'ରେ ସାମିଲ ହେବେ । ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଏହି ରୋଡ ଶୋ' ରାଷ୍ଟ୍ରବ୍ୟାପୀ ପୁଞ୍ଜିନିବେଶକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଅଭିଯାନର ଅଂଶବିଶେଷ । ଏହା ମାଧ୍ୟମରେ ମନ୍ତ୍ରଣାଳୟର ସ୍ୱଚ୍ଛ, ନିବେଶକ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାର ଆଶା ରହିଛି ।

## ୟୁଏସ୍-ନ୍ୟୁ ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚୀନ୍‌ରୁ ଆମଦାନୀ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଘୋଷଣା କରିଛନ୍ତି । ଆସନ୍ତା ମଙ୍ଗଳବାର

ଠାରୁ କାନାଡ଼ା ଓ ମେକ୍ସିକୋ ଉପରେ ମଧ୍ୟ ଅତିରିକ୍ତ ଶୁଳ୍କ ଲାଗୁ କରିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି । ଚୀନ୍‌ରୁ ଆମଦାନୀ ଉପରେ ସର୍ବନିମ୍ନ ୧୦ ପ୍ରତିଶତ ଶୁଳ୍କ ଚଳିତ ମାସ ପ୍ରାରମ୍ଭରେ ଲାଗୁ କରାଯାଇଥିଲା । ଗତକାଲି ରାତିରେ ରାଷ୍ଟ୍ରପତି ଟ୍ରମ୍ପ୍ କାନାଡ଼ା ଓ ମେକ୍ସିକୋ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଥିଲା । ମେକ୍ସିକୋ ଏବଂ କାନାଡ଼ାର ବରିଷ୍ଠ ଅଧିକାରୀମାନେ ଶୁଳ୍କ ବୃଦ୍ଧି ଏଡ଼ାଇବା ପାଇଁ ଆଲୋଚନା କରିବା ଲାଗି ୱାଶିଂଟନ୍‌ରେ ଥିବା ବେଳେ ଏହି ବୃଦ୍ଧି ଘୋଷଣା କରାଯାଇଛି ।

ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ଆମେରିକାରେ ଫେଣ୍ଟାନିଲ୍ ନାମକ ନିଶାଦ୍ରବ୍ୟର ପ୍ରବାହକୁ ରୋକିବା ଲାଗି ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହି ଫେଣ୍ଟାନିଲ୍ ଚୀନ୍‌ରୁ ଉତ୍ପାଦିତ ହେଉଥିବା ବେଳେ କାନାଡ଼ା ଏବଂ ମେକ୍ସିକୋ ଜରିଆରେ ଆମେରିକାକୁ ଆସୁଛି । ସେ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ଫେଣ୍ଟାନିଲ୍ ବ୍ୟବହାର କରି ୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପ୍ ଫେଣ୍ଟାନିଲ୍ ଉତ୍ପାଦନ କରୁଥିବା ଚୀନ୍ ଉପରେ ଲାଗୁ ହୋଇଥିବା ୧୦ ପ୍ରତିଶତ ଶୁଳ୍କକୁ ଦ୍ୱିଗୁଣା କରିବାର ପ୍ରସ୍ତାବ ରହିଛି ।

ସୀମା ସୁରକ୍ଷା ଏବଂ ନିଶାଦ୍ରବ୍ୟ ଚୋରାଚଲାଣ ନ ରୋକିବା ପର୍ଯ୍ୟନ୍ତ ମେକ୍ସିକୋ ଏବଂ କାନାଡ଼ା ଉପରେ ବର୍ଦ୍ଧିତ ଶୁଳ୍କ ବଳବତ୍ତର ରହିବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି ।

# ପିଏମ୍ ଜାହାଁ ଏ ଖୁସ୍‌ରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ସୁନ୍ଦର ନର୍ସରିରେ ଆୟୋଜିତ ହେବାକୁ ଥିବା ଜାହାଁ ଏ ଖୁସ୍‌ରୋ କାର୍ଯ୍ୟକ୍ରମରେ ଯୋଗଦେବେ । ସୁଫି ସଂଗୀତ ମହୋତ୍ସବର ୨୫ ବର୍ଷ ପୂର୍ତ୍ତି ଅବସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ । ଆଜିଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । ଅମୀର୍ ଖୁସ୍‌ରୋଙ୍କ ପରମ୍ପରାକୁ ପାଳନ କରିବା ଲାଗି ସାରା ବିଶ୍ୱର କଳାକାରଙ୍କୁ ଏକତ୍ର କରାଯାଉଛି । ପ୍ରଧାନମନ୍ତ୍ରୀ ଏଥିରେ ଭାରତର ସଂସ୍କୃତି ଓ ବିବିଧ କଳାକୁ ପ୍ରୋତ୍ସାହିତ କରିବେ । ରୁମି ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୨୦୦୧ରେ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ମୁଜାଫର ଅଲି ଆରମ୍ଭ କରିଥିଲେ । ଏହି ମହୋତ୍ସବ ପାଳନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତେହବଜାର ପରିଦର୍ଶନ କରିବେ । ସେଥିରେ ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ ପ୍ରଦର୍ଶନ ସହ କଳାକୃତି, ହସ୍ତଶିଳ୍ପ ଓ ହସ୍ତତନ୍ତ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ।

# ନଡ୍ଡା-ଓଡ଼ିଶା ଭିଜିଟ୍

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଗତ ସନ୍ଧ୍ୟାରୁ ଭୁବନେଶ୍ୱରରେ ପହଞ୍ଚିଛନ୍ତି ।

ଆଜି ପୁରୀ ଠାରେ ଶ୍ରୀ ନଡ୍ଡା ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଇନୋଭେସନ୍ ଉପରେ ନବମ ଜାତୀୟ ଶିଖର ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଷୋଡ଼ଶ ସାଧାରଣ ସମୀକ୍ଷା ମିଶନ୍‌ର ରିପୋର୍ଟ ଉନ୍ମୋଚନ କରିବେ । ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଏହି ଶିଖର ସମ୍ମିଳନୀ ଆୟୋଜନ କରାଯାଉଛି ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ସମେତ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ସଚିବ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମିଳନୀ ଶେଷ ହେବା ପରେ ଶ୍ରୀ ନଡ୍ଡା ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ । ଏହା ବ୍ୟତୀତ ଆଜି ଅପରାହ୍ଣରେ ଭୁବନେଶ୍ୱରରେ ଶ୍ରୀ ନଡ୍ଡା ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ ।

## ନ୍ୟାସନାଲ୍ ସାଇନ୍ସ ଡେ

ବିଜ୍ଞାନର ଉପାଦେୟତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ବିଜ୍ଞାନ ସମ୍ବନ୍ଧିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସାରା ଦେଶରେ ଆଜି ପାଳନ କରାଯାଉଛି ଜାତୀୟ ବିଜ୍ଞାନ ଦିବସ । ବିଶିଷ୍ଟ ପଦାର୍ଥ ବିଜ୍ଞାନ ସାର୍ ସି.ଭି. ରମଣଙ୍କ ଦ୍ୱାରା (ରମଣ ଇଫେକ୍ଟ)ର ଆବିଷ୍କାରର ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଏ । ଏହି ଆବିଷ୍କାର ପାଇଁ ସି.ଭି. ରମଣଙ୍କୁ ୧୯୩୦ ମସିହାରେ

ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଜାତୀୟ ବିଜ୍ଞାନ ଦିବସରେ ସାରା ଦେଶରେ ବିଜ୍ଞାନ ବିଷୟ ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଜାତୀୟ ବିଜ୍ଞାନ ଦିବସ ଉତ୍ସବରେ ଯୋଗଦେବେ ।

ଚଳିତ ବର୍ଷ ଜାତୀୟ ବିଜ୍ଞାନ ଦିବସର ବାର୍ତ୍ତା ରହିଛି – "ବିକଶିତ ଭାରତ ପାଇଁ ଉଦ୍ଭାବନ ଓ ବିଜ୍ଞାନ କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ପାଇଁ ଭାରତୀୟ ଯୁବକମାନଙ୍କୁ ସଶକ୍ତ କରିବା" । ବିଜ୍ଞାନର ମହତ୍ୱ ଓ ଏହାର ପ୍ରୟୋଗର ବାର୍ତ୍ତା ଲୋକମାନଙ୍କ ମଧ୍ୟରେ ପହଞ୍ଚାଇବା ଏହି ଦିବସର ଉଦ୍ଦେଶ୍ୟ । ଜନମାନବର କଲ୍ୟାଣ ତଥା ବିଜ୍ଞାନର ବିକାଶ ପାଇଁ ନୂତନ ଜ୍ଞାନକୌଶଳର କାର୍ଯ୍ୟକାରିତା ନିମନ୍ତେ ବିଜ୍ଞାନର ସମସ୍ତ କାର୍ଯ୍ୟକଳାପ ଓ ଉଦ୍ୟମକୁ ମଧ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ରହିଛି ।

## ଓଡ଼ିଆ ଆକ୍ଟର ଡାଏସ୍

ସୁନାମ ଧନ୍ୟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କର ଗତକାଲି ରାତିରେ ୬୭ ବର୍ଷ ବୟସରେ ଗୁରୁଗ୍ରାମରେ ପରଲୋକ ଘଟିଛି । ସେ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଅବସ୍ଥା ଗୁରୁତର ହେବାରୁ ଉତ୍ତମ ମହାନ୍ତିଙ୍କୁ ଚଳିତ ମାସ ୮

ତାରିଖରେ ଭୁବନେଶ୍ୱରରୁ ଏୟାର୍‌ଲିଫ୍ଟିଂ ଯୋଗେ ଚିକିତ୍ସା ପାଇଁ ନିଆଯାଇଥିଲା ।

ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଉତ୍ତମ ମହାନ୍ତି ୧୩୦ଟିରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ଏଥିସହିତ ସେ ୩୦ଟି ବଙ୍ଗଳା ଚଳଚ୍ଚିତ୍ର ଏବଂ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର ନୟା ଜହରରେ ମଧ୍ୟ ଅଭିନୟ କରିଥିଲେ । ତାଙ୍କ ଅଭିନୀତ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ଅଭିମାନ, ଦଣ୍ଡାବାଲୁଙ୍ଗା, ନିଝୁମରାତିର ସାଥି ଓ  ଚିହ୍ନା ଅଚିହ୍ନା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ।

ଉତ୍ତମ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଉତ୍ତମ ମହାନ୍ତିଙ୍କ ଅଭିନୟ ସବୁଦିନ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ୍, ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ ପ୍ରମୁଖ ଉତ୍ତମ ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ ଆଜି ଅପରାହ୍ଣରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ ।

## ସେବୀ-ନ୍ୟୁ ଚେୟାରମ୍ୟାନ୍

ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ୍ ଅଫ୍ ଇଣ୍ଡିଆ – ସେବିର ନୂତନ ଅଧ୍ୟକ୍ଷ ଭାବେ ଅର୍ଥ ସଚିବ ତୁହିନ କାନ୍ତ ପାଣ୍ଡେଙ୍କୁ ନିଯୁକ୍ତି ଦିଆଯାଇଛି । ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର୍ ବରିଷ୍ଠ ଆଇ.ଏ.ଏସ୍. ଶ୍ରୀ ପାଣ୍ଡେ, ପୂର୍ବତନ ଅଧ୍ୟକ୍ଷ ମାଧବ ପୁରୀ ବୁଚ୍‌ଙ୍କ ସ୍ଥାନରେ ଆସନ୍ତା ୩ ବର୍ଷ ଯାଏଁ ଦାୟିତ୍ୱ ତୁଲାଇବେ । କ୍ୟାବିନେଟ୍‌ର ନିଯୁକ୍ତି ସଂକ୍ରାନ୍ତ କମିଟି ତୁହିନ କାନ୍ତ ପାଣ୍ଡେଙ୍କୁ ସେବିର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିବାକୁ ଅନୁମୋଦନ କରିଛି ।

## ଦିଲ୍ଲୀ-ସିଏଜି ରିପୋର୍ଟ୍

ଦିଲ୍ଲୀ ସରକାର ଆଜି ବିଧାନସଭାରେ ପୂର୍ବର ଆମ୍ ଆଦମୀ ପାର୍ଟି ସରକାର ସମ୍ପର୍କିତ ମହାଲେଖାକାରଙ୍କ ଆଉ ଏକ ରିପୋର୍ଟ୍ ଉପସ୍ଥାପନ କରିବେ । ଦିଲ୍ଲୀର ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା ପରିଚାଳନା ଉପରେ ଏହି ରିପୋର୍ଟ୍ ପ୍ରସ୍ତୁତ ହୋଇଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ରିପୋର୍ଟ୍‌ର ନକଲ ବିଧାନସଭାରେ ଉପସ୍ଥାପନ କରିବେ । ତିନିଦିନ ତଳେ ଦିଲ୍ଲୀ ବିଧାନସଭାରେ ଆପ୍ ସରକାରଙ୍କ ମଦନୀତି ସମ୍ପର୍କିତ ରିପୋର୍ଟ୍ ଉପସ୍ଥାପିତ ହୋଇଥିଲା । ରିପୋର୍ଟରେ ଦିଲ୍ଲୀ ଅବକାରୀ ବିଭାଗର ମଦ

ଯୋଗାଣ ଉପରେ ନଜର ରଖିବା ଏବଂ ନିୟନ୍ତ୍ରଣ କରିବାରେ ଅନେକ ଅସଙ୍ଗତି ରହିଥିବା ଦର୍ଶାଯାଇଥିଲା ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ଟି-ଟ୍ୱେଣ୍ଟି ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଗତକାଲି ବେଙ୍ଗାଲୁରୁ ଏମ୍. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ୍ ୬ ୱିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଆର୍.ସି.ବି. ବାଙ୍ଗାଲୋର ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୨୫ରନ୍ ସ୍କୋର କରିଥିଲା । ଏହାର ଜବାବରେ ଗୁଜରାଟ ଟାଏଣ୍ଟସ୍ ୧୬ ଓଭର ୩ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିଥିଲା ।

ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ବେଙ୍ଗାଲୁରୁ ଠାରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଫୁଟବଲ୍-ଆଇଏସ୍ଏଲ୍

ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ୍ ପ୍ରତିଯୋଗିତାରେ ଗତକାଲି ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଆୟୋଜିତ ମ୍ୟାଚ୍‌ରେ

ଫୁଟ୍‌ବଲ୍ କ୍ଲବ୍ ଗୋଆ ୧-୦ରେ ପଞ୍ଜାବ ଫୁଟବଲ୍ କ୍ଲବ୍‌କୁ ପରାସ୍ତ କରିଛି । ଏଥିସହିତ ଫୁଟବଲ୍ କ୍ଲବ୍ ଗୋଆକୁ ୨୨ଟି ମ୍ୟାଚ୍‌ରୁ ୪୫ ପଏଣ୍ଟ ମିଳିଛି । ତେଣୁ ଏଫ୍.ସି. ଗୋଆ ଦ୍ୱିତୀୟ ସ୍ଥାନରେ ରହିବା ସହ ତୃତୀୟ ସ୍ଥାନରେ ବେଙ୍ଗାଲୁରୁ ଏଫ୍.ସି. ଏବଂ ଚତୁର୍ଥ ସ୍ଥାନରେ  ଜାମ୍‌ସେଦପୁର ଏଫ୍.ସି. ରହିଛନ୍ତି । ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ଫୁଟବଲ୍‌କ୍ଲବ୍ ଏବଂ ମହମଦିଆନ୍  ଫୁଟବଲ୍ କ୍ଲବ୍ ମଧ୍ୟରେ ମୁକାବିଲା ହେବ ।